# ରାୟଗଡ଼ା ହେବ ନୂଆ ରେଳମଣ୍ଡଳ

## ଜୋନ୍ ପୁନର୍ଗଠନ ପ୍ରସଙ୍ଗରେ ରେଳମନ୍ତ୍ରୀଙ୍କୁ ଭେଟିଲେ ଓଡ଼ିଶାର ଏମ୍‌ପି

ଭୁବନେଶ୍ୱର,୩।୧୨(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଅଧୀନରେ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ, ସମ୍ବଲପୁର ରେଳମଣ୍ଡଳ ଓ ୱାଲଟିୟର୍ ରେଳମଣ୍ଡଳ ରହିଛି। ମାତ୍ର ରେଳମଣ୍ଡଳ (ଡିଭିଜନ) ଗୁଡ଼ିକର ପୁନର୍ଗଠନ ତଥା ୱାଲଟିୟର୍ ରେଳମଣ୍ଡଳରୁ ଓଡ଼ିଶା ବାଦ୍ ପଡ଼ିବା ନେଇ ବିଭିନ୍ନ ମହଲରେ ଆଶଙ୍କା ପ୍ରକାଶ ପାଇଛି। ଏ ପ୍ରସଙ୍ଗରେ ଓଡ଼ିଶାର ଲୋକ ସଭା ସଦସ୍ୟମାନେ ମଙ୍ଗଳବାର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟିଛନ୍ତି। ଓଡ଼ିଶାର ଆର୍ଥିକ ହିତକୁ ବଜାୟ ରଖାଯିବା ସହ ପୂର୍ବତଟ ରେଳପଥ ମଧ୍ୟରେ ପୂର୍ବପରି ୩ଟି ରେଳମଣ୍ଡଳ ରହିବ ବୋଲି ରେଳମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ରାୟଗଡ଼ା ନୂଆ ରେଳମଣ୍ଡଳ ହେବ। ଏହି ପ୍ରସ୍ତାବିତ ରେଳମଣ୍ଡଳକୁ ଅନୁମୋଦନ ଦିଆଯାଇଛି ବୋଲି ରେଳମନ୍ତ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି।

ନୂଆଦିଲ୍ଲୀରେ ଓଡ଼ିଶାର ଲୋକ ସଭା ସଦସ୍ୟମାନଙ୍କ ସହିତ ଆଲୋଚନା ପରେ ବୈଷ୍ଣବ କହିଛନ୍ତି, ବର୍ତ୍ତମାନ ପୂର୍ବତଟ ଓ ଦକ୍ଷିଣତଟ ରେଳ ଜୋନ ପୁନର୍ଗଠନ ହେଉଥିବାବେଳେ ଆର୍ଥିକ ସ୍ୱାର୍ଥରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଆଯାଇଛି। ଓଡ଼ିଶାରେ ରେଳ ବିକାଶ ପାଇଁ ୭୩, ୭୨୩ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ପ୍ରସ୍ତାବିତ ରାୟଗଡ଼ା ରେଳମଣ୍ଡଳକୁ ଅନୁମୋଦନ ଦିଆଯାଇଛି। ରେଳ ମଣ୍ଡଳ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୦୭ କୋଟି ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଛି। ରେଳମନ୍ତ୍ରୀଙ୍କ ସୂଚନାନୁଯାୟୀ, ପୂର୍ବତଟ ରେଳପଥ ମଧ୍ୟରେ ପୂର୍ବପରି ୩ଟି ରେଳମଣ୍ଡଳ ରହିବ। ଅମୃତ ଷ୍ଟେଶନ ଯୋଜନାରେ ଓଡ଼ିଶାର ୫୯ଟି ଷ୍ଟେଶନର ପୁନର୍ବିକାଶ କରାଯାଉଛି। ୧୯,୨୮୯ କୋଟି ଟଙ୍କାର ୮ଟି ରେଳପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗୁଣୁପୁର-ଥେରୁବାଲି ରେଳ ଲାଇନ, ଜୁନାଗଡ଼ ରୋଡ଼-ନବରଙ୍ଗପୁର ରେଳ ଲାଇନ, ମାଲକାନଗିରି- ପଣ୍ଡୁରଙ୍ଗାପୁରମ ଭାୟା ଭଦ୍ରାଚଳମ ରେଳ ଲାଇନ, ବାଦାମପାହାଡ଼ କେନ୍ଦୁଝରଗଡ଼ ରେଳ ଲାଇନ, ବାଙ୍ଗିରିପୋଷି-ଗୋରୁମହିଷାଣୀ ରେଳ ଲାଇନ, ବୁଡ଼ାମରା-ଚାକୁଲିଆ ରେଳ ଲାଇନ, ସରଡେଗା-ଭାଲୁମୁଡା ଦୋହରୀକରଣ ରେଳ ଲାଇନ ଏବଂ ବରଗଡ଼ ରୋଡ଼-ନୂଆପଡା ରୋଡ଼ ରେଳ ଲାଇନ୍ ରହିଛି। ଏହାବ୍ୟତୀତ କଳାହାଣ୍ଡିଠାରୁ ଆରମ୍ଭ କରି ମାଲକାନଗିରି ଓ କୋରାପୁଟ ପର୍ଯ୍ୟନ୍ତ ରେଳ ସଂଯୋଗ ପ୍ରକଳ୍ପ ମଞ୍ଜୁର ହୋଇଛି। ବାରକୋଟ-ଝାରସୁଗୁଡ଼ା ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ପଦକ୍ଷେପ ନିଆଯାଇଥିବା ରେଳମନ୍ତ୍ରୀ ସୂଚନା ଦେଇଥିଲେ।

ଏହି ଅବସରରେ ସମ୍ବଲପୁର ଏମ୍‌ପି ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଓଡ଼ିଶା ଇତିହାସରେ ଯାହା କେବେ ହୋଇ ନ ଥିଲା ବିଗତ ୧୦ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେହି ସମ୍ଭାବନାକୁ ଓଡ଼ିଶା ପାଇଁ ତିଆରି କରିଛନ୍ତି। ଗତ ଦଶନ୍ଧିରେ ପାଖାପାଖି ୭୫ ହଜାର କୋଟି ଟଙ୍କାର ରେଳ ବଜେଟ ବ୍ୟବସ୍ଥା କରାଯାଇଛି। ଏବେ ରାୟଗଡ଼ା ଏକ ନୂଆ ଡିଭିଜନ ହେବ। ୱାଲଟିୟର ଡିଭିଜନରୁ ଓଡ଼ିଶା ଅଞ୍ଚଳକୁ ବାଦ ଦେଇ ଗୋଟିଏ ନୂଆ ଡିଭିଜନ ହେବ। ଏହା ଓଡ଼ିଶାର ରେଳ ଭିତ୍ତିଭୂମି କ୍ଷେତ୍ରରେ ଗୋଟିଏ ବଡ଼ ଉପଲବ୍ଧି ବୋଲି ସେ ପ୍ରକାଶ କରିଛନ୍ତି। ଏହି ଆଲୋଚନାରେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ ପାଣିଗ୍ରାହୀ, ଯାଜପୁର ଏମ୍‌ପି ରବୀନ୍ଦ୍ର କୁମାର ବେହେରା, ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ, ମୟୂରଭଞ୍ଜ ଏମ୍‌ପି ନବଚରଣ ମାଝୀ, ଜଗତସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ଭଦ୍ରକ ଏମ୍‌ପି ଅଭିମନ୍ୟୁ ସେଠୀ ଏବଂ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ ପ୍ରମୁଖ ସାମିଲ ଥିଲେ।


ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଓଡ଼ିଶାର ଏମ୍‌ପିମାନେ ଆଲୋଚନା କରୁଛନ୍ତି।

# ଜିଲ୍ଲାର ୫୮ ଶିକ୍ଷୟିତ୍ରୀ ଶିକ୍ଷକ ନିୟମିତ

ରାୟଗଡ଼ା,୩।୧୨(ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅନୁମୋଦନକ୍ରମେ ରାୟଗଡ଼ା ଜିଲାର ୫୮ଜଣ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ ନିୟମିତ ହୋଇଛନ୍ତି। ସମଗ୍ର ଶିକ୍ଷା ବୈଠକ ଅନୁଯାୟୀ ଜିଲାର ୧୧ଟି ବ୍ଲକ୍‌ରେ ୨୦୧୬-୧୭ ବର୍ଷରେ ଚୁକ୍ତିଭିତ୍ତିକ ଶିକ୍ଷକ ଭାବେ ନିଯୁକ୍ତି ପାଇ ୬ ବର୍ଷ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବା ପରେ ନିୟମିତ ହୋଇଛନ୍ତି। କମିଟିର ନିଷ୍ପତ୍ତିକ୍ରମେ ୪୯୮ଜଣଙ୍କ ଅନୁମୋଦନ କରାଯାଇଛି। ସେଥିମଧ୍ୟରୁ ଠିକ୍ ସାର୍ଟିଫିକେଟ ଆଧାରରେ ୪୧୯ ଜଣ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକ ପୂର୍ବରୁ ନିୟମିତ ହୋଇଥିଲେ। ମଙ୍ଗଳବାର ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୫୮ ଜଣଙ୍କ ସାର୍ଟିଫିକେଟ ଯାଞ୍ଚ ପରେ ନିୟମିତ ହୋଇଛନ୍ତି। ସେଥିରେ କୋଲନରା ବ୍ଲକ୍‌ର ୭, ପଦ୍ମପୁର ବ୍ଲକ୍ ୫, ରାମନାଗୁଡ଼ା ବ୍ଲକ୍ ୩, ଚନ୍ଦ୍ରପୁର ବ୍ଲକ୍ ୪ , ଗୁଡ଼ାରି ବ୍ଲକ୍ ୮, କାଶୀପୁର ବ୍ଲକ୍ ୫, ମୁନିଗୁଡ଼ା ବ୍ଲକ୍ ୧୬, ଗୁଣପୁର ବ୍ଲକ୍ ୨, କଲ୍ୟାଣସିଂହପୁର ବ୍ଲକ୍ ୨, ବିଷମକଟକ ବ୍ଲକର ୬ ଜଣଙ୍କୁ ନିୟମିତ କରାଯାଇଛି। ନିୟମିତ ହୋଇଥିବା ସମସ୍ତ କନିଷ୍ଠ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବର୍ତ୍ତମାନ ସହକାରୀ ଶିକ୍ଷକ ଲେଭେଲ-୫(ଏ) ପ୍ରାଥମିକ କ୍ୟାଡରରେ ଅନ୍ତର୍ଭୁକ୍ତ କରାଯାଇଛି। ସେମାନେ ଲେଭେଲ -୭ ପେ ସ୍କେଲରେ ଦରମା ପାଇବେ ବୋଲି ଜଣାପଡ଼ିଛି।

# ପିଏମ୍ ଆବାସ ଆବେଦନ ପାଇଁ ସଚେତନତା

ପାଇକଡାକୁଲୁଗୁଡ଼ା, ୩।୧୨(ଧନୁର୍ଜୟ ରାଜୁ)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍‌ର ପାଇକଡାକୁଲୁଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ନୂତନ ସର୍ଭେ ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପରିବର୍ତ୍ତିତ ଯୋଗ୍ୟତା ମାନଦଣ୍ଡ ଆଧାରରେ ବଳକା ଥିବା ସମସ୍ତ ଯୋଗ୍ୟ ପରିବାରଙ୍କୁ ଚିହ୍ନଟକରି ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଗୃହ ମଞ୍ଜୁର ଲକ୍ଷ୍ୟରେ ସରକାର ଏହି ନୂତନ ସର୍ଭେ ଆରମ୍ଭ କରିଛନ୍ତି। ପୂର୍ବର ସମସ୍ତ ସର୍ଭେ କେବଳ କ୍ଷେତ୍ର କର୍ମଚାରୀଙ୍କ ଦ୍ୱାରା ହେଉଥିବା ସ୍ଥଳେ ଏବେ ଆଶାୟୀ ପରିବାର ମଧ୍ୟ ନିଜର ସର୍ଭେ କରିପାରିବେ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହାଦ୍ୱାରା ଯୋଗ୍ୟ ହିତାଧିକାରୀ ସର୍ଭେରୁ ବାଦ୍ ପଡ଼ିବା ଆଶଙ୍କା ଦୂରହୋଇପାରିବ ଓ ସେମାନେ ତାଲିକାଭୁକ୍ତ ହୋଇପାରିବେ ବୋଲି କୁହାଯାଇଛି। ଏ ସମ୍ପର୍କରେ ଜନସାଧାରଣଙ୍କୁ ତାଲିମ ଦେବା ପାଇଁ ଏହି କର୍ମଶାଳା ଆୟୋଜନ କରାଯାଇଥିବା କୁହାଯାଇଛି। କର୍ମଶାଳାରେ ହିତାଧିକାରୀଙ୍କୁ ନିଜ ଦ୍ୱାରା ସର୍ଭେ କରିବାର ପ୍ରଣାଳୀ ବୁଝାଇବା ସହ ସର୍ଭେ ସମୟରେ ଆବଶ୍ୟକ ହେଉଥିବା ପରିବାର ସଦସ୍ୟଙ୍କ ଆଧାର, ଜବ୍ କାର୍ଡ, ବ୍ୟାଙ୍କ ଜମା ଖାତା ବିବରଣୀ ଇତ୍ୟାଦି ସଂକ୍ରାନ୍ତୀୟ ତଥ୍ୟ ପ୍ରସ୍ତୁତ ରଖିବା ପାଇଁ ଜଣାଇ ଦିଆଯାଉଛି । ବ୍ଲକ୍ କର୍ମଚାରୀ ଗ୍ରାମର ପ୍ରତ୍ୟେକ ସାହିକୁ ଗସ୍ତକରି ଗୃହହୀନ ଏବଂ କଚ୍ଚାଘରେ ରହୁଥିବା ସମସ୍ତ ପରିବାରଙ୍କୁ ସର୍ଭେରେ ଅନ୍ତର୍ଭୁକ୍ତ କରିବେ। ସର୍ଭେ ସମୟରେ ନିଜକୁ ଯୋଗ୍ୟ ମନେକରୁଥିବା ସମସ୍ତ ପରିବାରଙ୍କୁ ତାଲିକାଭୁକ୍ତ କରାଯିବ ବୋଲି ସରପଞ୍ଚ କହିଛନ୍ତି।


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଜନପ୍ରତିନିଧି।

# ନାବାଳିକାଙ୍କ ଶିଶୁପୁତ୍ରକୁ ସମ୍ପର୍କୀୟଙ୍କୁ ହସ୍ତାନ୍ତର

## ଶିଶୁକୁ ଉଦ୍ଧାରକଲା ଗଜପତି ଶିଶୁ ମଙ୍ଗଳ କମିଟି

ଗୁଣପୁର,୩।୧୨ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଶିରିଝୋଲି ପଞ୍ଚାୟତର ଆଲାମଗୁଡା ଗ୍ରାମର ଜଣେ୧୬ ବର୍ଷୀୟ ନାବାଳିକା ଏକ ପୁତ୍ରସନ୍ତାନ ଜନ୍ମ କରିଥିଲେ। ଜନ୍ମିତ ଶିଶୁପୁତ୍ରକୁ ପରିବାର ଲୋକେ ଗଜପତି ଜିଲା କାଶୀନଗର ଥାନା ଅଧୀନ ଅରମଡ଼ା ଗ୍ରାମର ନିଜ ସମ୍ପର୍କୀୟ ମାମୁଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି। ଏ ନେଇ ଗଜପତି ଜିଲା ଶିଶୁ ମଙ୍ଗଳ କମିଟି ଶିଶୁପୁତ୍ରକୁ ଠାବକରି ଉଦ୍ଧାର କରିଥିବା ଜଣାପଡିଛି। ଏ ନେଇ ଗୁଣପୁର ସିଡିପିଓ ସୁଷମା ପ୍ରସାଦ ଗୁଣପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ କେସ୍ ନଂ. ୨୭୫/୨୪ ରେ ଏକ ମାମଲା ରୁଜୁକରି ତଦନ୍ତ ଚାଲୁ ରହିଥିବା ଆଇଆଇସି ଉତ୍ତମ କୁମାର ସାହୁ ସୂଚନା ଦେଇଛନ୍ତି ।

# ୧୮ ଭିନ୍ନକ୍ଷମଙ୍କୁ ଭତ୍ତା ପ୍ରଦାନ

ଗୁଣପୁର,୩।୧୨(ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ୍ ଅଫିସ ପରିସରରେ ମଙ୍ଗଳବାର ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଗୁଣପୁର ଉପ ଜିଲାପାଳ କିରଣ ଦୀପ କୌର ସହୋତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସହଯୋଗର ହାତ ବଢାଇ ସାହାଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବିଡ଼ିଓ ଶୁଭ୍ରାଞ୍ଜଳି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ୍ ସନ୍ତୋଷ ମଞ୍ଚାସୀନ ଥିଲେ। ଏହି ଅବସରରେ ୧୮ ଜଣ ଭିନ୍ନକ୍ଷମଙ୍କୁ ନୂତନ ଭାବେ ଭତ୍ତା ପ୍ରଦାନ କରାଯାଇଥିଲା। ପରେ ଭିନ୍ନକ୍ଷମଙ୍କ ମଧ୍ୟରେ କ୍ରୀଡା ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତି ପ୍ରଭା ପାତ୍ର ପରିଚାଳନା କରିଥିଲେ । ସେହିପରି ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ର ପକ୍ଷରୁ ମଧ୍ୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଥିଲା। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ସିଂ, ବିଆରସିସି ଲକ୍ଷ୍ମୀ ବେହେରା, ଦମୟନ୍ତୀ ଦେବୀ, ସିଆରସିସି ଶିବ ପ୍ରସାଦ ମିଶ୍ର ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।

# ଡିଜିଟାଲ ପେମେଣ୍ଟ ସଚେତନତା ଅଭିଯାନ

ମୁନିଗୁଡ଼ା,୩।୧୨ (ନନ୍ଦ କିଶୋର ପଟ୍ଟନାୟକ)

ମୁନିଗୁଡ଼ାର ଆଇସିଆଇସିଆଇ ବ୍ୟାଙ୍କ ଶାଖା ପରିସରରେ ଏକ ଡିଜିଟାଲ ପେମେଣ୍ଟ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କର ଶାଖା ପରିଚାଳକ ସମୀର କୁମାର ଅଗ୍ରୱାଲଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ୟାଙ୍କର ଉପଶାଖା ପରିଚାଳିକା ସ୍ୱାଲିମା ପତି, ଅମରେଶ ନାୟକ, ଆଶିଷ ଗୌଡ଼, ବିଶ୍ୱରଞ୍ଜନ ପଟ୍ଟନାୟକ, କଲ୍ୟାଣ ମିଶାଲା, ବୃଜେଶ୍ୱର କୁମ୍ଭାରଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏବେର ଡିଜିଟାଲ ଯୁଗରେ ଗ୍ରାହକମାନେ କିପରି ଅତି ସହଜରେ ବ୍ୟାଙ୍କରେ ସମସ୍ତ ନେଣଦେଣ, ଟଙ୍କା ଉଠାଣ ସହ ରାଜ୍ୟ ତଥା ଦେଶ, ବିଦେଶକୁ ଟଙ୍କା ପଠାଇପାରିବେ ଏବଂ ଏହାକୁ ନେଇ ବ୍ୟାଙ୍କ ତରଫରୁ ରହିଥିବା ବିଭିନ୍ନ ସୁବିଧା ଉପରେ ଆଲୋକପାତ କରିଥିଲେ। ଏଥିସହ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ ମୁଦ୍ରା, ୟୁପିଆଇ ଏବଂ ଡିଜିଟାଲ ଠକେଇ, ଫୋନ୍‌କଲ୍, ମେସେଜ ଓ ଓଟିପି ମାଧ୍ୟମରେ ଠକେଇ ପରି ଅନେକ ବିଷୟବସ୍ତୁ ନେଇ ଉପସ୍ଥିତ ସମସ୍ତ ଗ୍ରାହକଙ୍କୁ ସଚେତନ କରାଯାଇଥିଲା। ଏହି ସମସ୍ତ ଠକେଇ କିପରି ରୋକାଯାଇପାରିବ ଏବଂ ବ୍ୟାଙ୍କ ତରଫରୁ କ'ଣ ସୁବିଧା ରହିଛି ସେ ନେଇ ପଚାରି ବୁଝିଥିଲେ ।

# ଗୁଣପୁରରେ ୩ ଦିନ ପାଳନ ହେବ ଚଇତି ଉତ୍ସବ

## ଲୋକଙ୍କ ଭାବନାକୁ ସମ୍ମାନ ଜଣାଇଲେ ଜିଲାପାଳ

ଗୁଣପୁର,୩।୧୨(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ୩ ଦିନ ଧରି ପାଳନ ହେବ ଉପଖଣ୍ଡସ୍ତରୀୟ ଚଇତି ମହୋତ୍ସବ ଇଡିତାଲ୍ -୨୦୨୪ । ଲୋକଙ୍କ ଭାବନା ଏବଂ ଆବେଗକୁ ସମ୍ମାନ ଜଣାଇ ଏହି ନିଷ୍ପତ୍ତି ନେଇଛନ୍ତି ଜିଲାପାଳ ପାରୁଲ ପଟୱାରି । ଆସନ୍ତା ୨୦ରୁ ୩ ଦିନ ପାଇଁ ତହସିଲ ଅଫିସ ନିକଟ କେନ୍ଦ୍ରୀୟ ବିଦ୍ୟାଳୟ ପଡିଆରେ ଚଇତି ମହୋତ୍ସବ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

ପ୍ରତିବର୍ଷ ଗୁଣପୁରଠାରେ ୩ ଦିନ ଧରି ଚଇତି ଉତ୍ସବ ପାଳନ ହେଉଥିଲା, ହେଲେ ଚଳିତ ଥର ୨୧ ଏବଂ ୨୨ ଦୁଇ ଦିନ ଧରି ପାଳନ ହେବ ବୋଲି ଜିଲାପାଳ କହିଥିଲେ। ଏହାକୁ ନେଇ ଗୁଣପୁର ବୁଦ୍ଧିଜୀବୀ ଏବଂ ସଂସ୍କୃତିପ୍ରେମୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଶନିବାର ଗୁଣପୁରଠାରେ ଆୟୋଜିତ ପ୍ରସ୍ତୁତି ବୈଠକରେ ୩ ଦିନ ଉତ୍ସବ ପାଳନ କରାଯିବା ପାଇଁ ଦାବି ହୋଇଥିଲା। ଜିଲାପାଳ ୨ ଦିନ କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଇଥିବାରୁ ତାଙ୍କ ନିକଟରେ ଗୁଣପୁର ଜନସାଧାରଣଙ୍କ ଭାବନାକୁ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନେଇଥିଲେ ଚଇତି କମିଟି। ଏହାକୁ ନେଇ ମଙ୍ଗଳବାର ଗୁଣପୁର ପୌର ପରିଷଦର ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼, ବ୍ଲକ୍ ଉପାଧ୍ୟକ୍ଷ ସୁଦର୍ଶନ ଶବର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ କୁମାର ଗମାଙ୍ଗ, ଚଇତି କମିଟିର ଆବାହକ ଡ. ଚନ୍ଦ୍ରଧ୍ୱଜ ପଣ୍ଡା, ଅକ୍ଷୟ ଦାସ ପ୍ରମୁଖ ଜିଲାପାଳଙ୍କୁ ଭେଟି ଚଇତି ୩ ଦିନ ପାଳନ କରାଯିବା ପାଇଁ ଅନୁରୋଧ କରିଥିଲେ । ଜିଲାପାଳ ଅନୁମତି ପ୍ରଦାନ କରିଥିବାରୁ ସହରବାସୀଙ୍କ ପକ୍ଷରୁ ତାଙ୍କୁ କୃତଜ୍ଞତା ଜଣାଯାଇଛି ।


ଜିଲାପାଳଙ୍କ ସହ ଚଇତି କମିଟିର ସଦସ୍ୟ ଆଲୋଚନା କରୁଛନ୍ତି।

# ନେଟ୍‌ୱର୍କ ନାହିଁ, ମୋବାଇଲ ସେବାରୁ ବଞ୍ଚିତ ଗ୍ରାମବାସୀ

## ପିଲାଙ୍କ ପାଠପଢ଼ା, ଜରୁରିକାଳୀନ ସେବା ବ୍ୟାଘାତ

ରାୟଗଡ଼ା,୩।୧୨(ଆଶିଷ ରଞ୍ଜନ ପଣ୍ଡା)

ଗାଁରେ ମୋବାଇଲ ନେଟ୍‌ୱର୍କ ନ ଥିବାରୁ ମୋବାଇଲ ସେବାରୁ ବଞ୍ଚିତ ଅଛନ୍ତି ଗ୍ରାମବାସୀ। ଫଳରେ ପିଲାଙ୍କ ଅନ୍‌ଲାଇନ ପାଠପଢ଼ା ସମେତ ଅନ୍ୟ ଜରୁରିକାଳୀନ ସେବା ପାଇବାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହାଦ୍ୱାରା ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଥିବା କାଶୀପୁର ବ୍ଲକ୍ ଶଙ୍କରଡ଼ା ପଞ୍ଚାୟତ ଅଧୀନ ପାଞ୍ଚାଳି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏନେଇ ସୋମବାର ରାୟଗଡ଼ାଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜିଲାପାଳ ପାରୁଲ ପଟୱାରିଙ୍କୁ ଭେଟି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି । ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପଟୱାରି ପ୍ରତିଶ୍ରୁତି ଦେଇଛନ୍ତି।

ଘଟଣାରୁ ପ୍ରକାଶ ଯେ, ରାୟଗଡ଼ା ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ମୋବାଇଲ ସେବା ପାଇଁ ବ୍ୟବସ୍ଥା ରହିଥିଲେ ମଧ୍ୟ ପାଞ୍ଚାଳି ଗାଁରେ ମୋବାଇଲ ସେବା ନାହିଁ । ଫଳରେ ଏଠାକାର ଛାତ୍ରୀଛାତ୍ର ଅନ୍‌ଲାଇନ ପାଠପଢ଼ାରୁ ବଞ୍ଚିତ ହେଉଛନ୍ତି । ସେହିଭଳି ମୋବାଇଲ ସେବା ନ ଥିବା କାରଣରୁ ଜରୁରୀ ସମୟରେ ଆମ୍ବୁଲାନ୍ସ, ଡାକ୍ତର ଆଦି ବ୍ୟବସ୍ଥା ପାଇଁ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଏହାର ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ପାଞ୍ଚାଳି ଗ୍ରାମବାସୀ।

# ମିଟ୍‌ସ କଲେଜରେ ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

ରାୟଗଡ଼ା,୩।୧୨ (ଆଶିଷ ରଞ୍ଜନ ପଣ୍ଡା)




ମିଟ୍‌ସ କଲେଜରେ ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମକୁ ସକ୍ଷମ ସଚିବ ଶ୍ୟାମ କୁମାର ଦାସ ଉଦ୍‌ଘାଟନ କରି ଏକ ଅନ୍ତର୍ଭୁକ୍ତ ସମାଜ ପ୍ରତିପୋଷଣ ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ଭିନ୍ନକ୍ଷମଙ୍କୁ ସେମାନଙ୍କର ପୂର୍ଣ୍ଣ ସାମର୍ଥ୍ୟକୁ ହୃଦୟଙ୍ଗମ କରିବାକୁ ସକ୍ଷମ କରିଥାଏ। କାର୍ଯ୍ୟକ୍ରମରେ ମିଟ୍‌ସର ନିର୍ଦ୍ଦେଶକ ଡ. ସି.ଭି.ଗୋପୀନାଥ ଅତିଥିଙ୍କୁ ସ୍ୱାଗତ କରିବା ସହିତ ଅନ୍ତର୍ଭୁକ୍ତିକରଣ ଓ ସଶକ୍ତିକରଣ କ୍ଷେତ୍ରରେ ମିଟ୍‌ସ ଗ୍ରୁପର ସହଭାଗିତା ଉପରେ ଆଲୋକପାତ କରିଥିଲେ । ପ୍ରିନ୍ସପାଲ୍ ପ୍ରଫେସର ରାମାନୁଜ ନାୟକ କହିଥିଲେ, ଅକ୍ଷମତା ଏକ ସୀମିତତା ନୁହେଁ ବରଂ ଅନାବଶ୍ୟକ ସମ୍ଭାବନାକୁ ଅନୁସନ୍ଧାନ କରିବାର ଏକ ସୁଯୋଗ। ମୌଳିକ ବିଜ୍ଞାନ ଓ ମାନବିକତା ବିଭାଗ ପ୍ରମୁଖ ଅନିତା ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଟ୍ରକ୍ ଚାପାରେ ଜଣେ ମୃତ

ରାୟଗଡ଼ା,୩।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ବ୍ଲକ ଚାନ୍ଦିଲି ଥାନା ସମ୍ମୁଖରେ ଟ୍ରକ ଚାପାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୁଲଜିଙ୍ଗ ଗ୍ରାମର ଆପୁଲୁ ମିଣିଆକା (୫୫) । ମଙ୍ଗଳବାର ସନ୍ଧ୍ୟାରେ ଆପୁଲୁ ରାସ୍ତା ପାରି ହେଉଥିବା ବେଳେ ଜେକେ ପେପରମିଲକୁ କାଠ ବୋଝେଇ କରି ଆସୁଥିବା ଟ୍ରକ ସମ୍ମୁଖକୁ ଆସିଯାଇଥିଲେ। ଫଳରେ ଟ୍ରକ ମାଡ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଥାନା ସମ୍ମୁଖରେ ଦୁର୍ଘଟଣା ହୋଇବାରୁ ପୋଲିସ ସଙ୍ଗେ ସଙ୍ଗେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ ।

# ପାଠପଢ଼ା ସମୟରେ ପାଣି ବୋହୁଛନ୍ତି ଛାତ୍ର

## ପିଲାଙ୍କ ଭବିଷ୍ୟତ ସହ ଖେଳ

ବିଷମକଟକ,୩।୧୨(ପ୍ରସନ୍ନ କୁମାର ପଣ୍ଡା)

ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ଉନ୍ନତି ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀକରି ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଅନେକ ବିଦ୍ୟାଳୟରେ ଶିକ୍ଷାଦାନ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଯାଉଛି। ପାଠପଢ଼ା ସମୟରେ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କାମରେ ନିୟୋଜିତ କରାଯାଉଥିବା ଅଭିଯୋଗ ହେଉଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ହାଟମୁନିଗୁଡା ଏମ୍‌ଇ ସ୍କୁଲରେ ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ଛାତ୍ରଙ୍କୁ ମୁଖ୍ୟ ରାଜପଥ ପାର୍ଶ୍ୱ ନଳକୂପରୁ ପାଣି ବୁହା କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଦେଖିବାକୁ ମିଳିଛି। ଏପରିକି ସ୍କୁଲରେ କେହି ପିଅନ ନ ଥିବାରୁ ଝାଡୁ ମାରିବା, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ବାହାରୁ ଚା, ଜଳଖିଆ ଆଣିବାକୁ ପଠାଯାଉଥିବା ଅଭିଭାବକ କିଶୋର ଗାଙ୍ଗା ଦୋରା, ରମେଶ ଗୌଡ଼ ପ୍ରମୁଖ ଅଭିଯୋଗ କରିଛନ୍ତି। ପିଲାଙ୍କ ଭବିଷ୍ୟତ ଗଠନ ପାଇଁ ଅଭିଭାବକମାନେ ବିଦ୍ୟାଳୟକୁ ଛାଡୁଛନ୍ତି, କିନ୍ତୁ ଏଠାରେ ଶିକ୍ଷୟିତ୍ରୀ ପିଲାମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା କେତେଦୂର ଯଥାର୍ଥ ବୋଲି ସାମାଜିକ କର୍ମୀ ସୁକାନ୍ତ ସେଠୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ସକାଳ ୧୦ରୁ ୪ ଟା ପର୍ଯ୍ୟନ୍ତ ପିଲାମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦାୟିତ୍ୱରେ ରହିଥାନ୍ତି । ହେଲେ ସେହି ସମୟରେ ପିଲାଙ୍କୁ ବିଭିନ୍ନ କାମରେ ନିୟୋଜିତ କରାଯାଉଥିବାରୁ ଯଦି କୌଣସି ଅଘଟଣ ଘଟେ ଏଥିପ୍ରତି ଶିକ୍ଷା ବିଭାଗ ଦାୟୀ ରହିବେ କି ବୋଲି ସେଠୀ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ସିଆର୍‌ସି ହେମନ୍ତ କୁମାର ପଣ୍ଡା ଓ ବିଷମକଟକ ବ୍ଲକ୍ ଶିକ୍ଷା ଅଧିକାରୀ ନବୀନ ଚନ୍ଦ୍ର ଖୋରାଙ୍କୁ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ସେମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ଜିଲା ଶିକ୍ଷା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ଏ ସମ୍ପର୍କରେ ହାଟମୁନିଗୁଡ଼ା ଏମ୍‌ଇ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଆରତି ମିଶ୍ରଙ୍କୁ ତାଙ୍କ ମୋବାଇଲ ନଂ. ୯୪୩୭୪୫୮୨୨୦ରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ଅଭିଯୋଗ ସମ୍ପର୍କରେ ରାୟଗଡ଼ା ଜିଲାପାଳ ପାରୁଲ ପଟୱାରିଙ୍କୁ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ କରାଯିବ ବୋଲି କହିଛନ୍ତି।


ମଧ୍ୟାହ୍ନ ଭୋଜନ ରୋଷେଇ ପାଇଁ ପିଲାମାନେ ପାଣି ବୋହି ନେଉଛନ୍ତି ।

# କୌଣସି ଗୁଣରେ କମ୍ ନୁହନ୍ତି ଦିବ୍ୟାଙ୍ଗ ଛାତ୍ରୀଛାତ୍ର

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ଗୁଡ଼ାରି/ ଚନ୍ଦ୍ରପୁର, ୩।୧୨ (ପ୍ରମୋଦ କୁମାର ପତି/ ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଗୁଡାରି ଗୋଷ୍ଠୀ ସାଧନ କେନ୍ଦ୍ର ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ ରତ୍ନମୟୀ ପୁରୋହିତ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଭିନ୍ନକ୍ଷମ ଛାତ୍ରୀଛାତ୍ର ସାଧାରଣ ପିଲାଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି । ଦେଶ ବିଦେଶରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଏହି ବର୍ଗର ଛାତ୍ରୀଛାତ୍ର କୃତିତ୍ୱ ହାସଲ କରୁଥିବା ଏବିଇଓ ସାଗୁଡା ରୂପମାଝୀ କହିଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କୃତ କରିଥିଲେ।

ଚନ୍ଦ୍ରପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ସମଗ୍ର ଶିକ୍ଷା ଅଭିଯାନ ଏବଂ ପଞ୍ଚାୟତ ସମିତିର ମିଳିତ ଉଦ୍ୟମରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍‌ରୁ ୪୫ଜଣ ଭିନ୍ନକ୍ଷମ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ କୈନ କିମାକା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଭିଷେକ ନାୟକ, ବିଡିଓ କୃଷ୍ଣ ଚନ୍ଦ୍ର ଦଳପତି, ବିଇଓ ଗଣେଶ ଶବର, ଏବିଇଓ ଉମାକାନ୍ତ ମିଶାଲ, ସିଡିପିଓ ଗୀତାରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସରକାରଙ୍କ ତରଫରୁ ରହିଥିବା ବିଭିନ୍ନ ସୁବିଧା ସମ୍ପର୍କରେ ସୂଚନା ଦିଆଯାଇଥିଲା। ବହୁ ଅସହାୟ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ଯୋଗାଇ ଦିଆଯାଇଥିଲା। ପରେ ସେମାନଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।


ଚନ୍ଦ୍ରପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

## ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ଆହ୍ୱାନ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପଦ୍ମପୁର, ୩।୧୨ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଦିବ୍ୟାଙ୍ଗ ଏବଂ ବିଭିନ୍ନ ବ୍ଲକ୍‌ରୁ ଆସିଥିବା ନାଗରିକଙ୍କ ଦ୍ୱାରା ହାଇସ୍କୁଲ ଛକଠାରୁ ବ୍ଲକ ଛକ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା କରାଯାଇଥିଲା । ପରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ପଦ୍ମପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ମଣିମାଳା ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଡିଓ, ବିଇଓ ଏବଂ ଏବିଇଓ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ଦିବ୍ୟ ଅଙ୍ଗ ଥିବାରୁ ସେମାମେ ଦିବ୍ୟାଙ୍ଗ ଏବଂ ସ୍ୱତନ୍ତ୍ର ଭାବେ କ୍ଷମ ବୋଲି ବିଡିଓ ମତବ୍ୟକ୍ତ କରିଥିଲେ। ଦିବ୍ୟାଙ୍ଗମାନେ କିଭଳି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ସେ ଉପରେ ଏବିଇଓ ମତବ୍ୟକ୍ତ କରିଥିଲେ। ପରେ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କୁ ବିଡିଓ ଭତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଶିକ୍ଷାର୍ଥୀ ଏବଂ ବ୍ୟକ୍ତିଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦିଆଯିବା ସହ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମପୁର ବ୍ଲକର ୨ଜଣ ଦିବ୍ୟାଙ୍ଗ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପଦ୍ମପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୧୪୦ ଛାତ୍ରୀଛାତ୍ର ଓ ଅଭିଭାବକ ଏବଂ ପ୍ରାୟ ୮୦ରୁ ଦିବ୍ୟାଙ୍ଗ ବ୍ୟକ୍ତି ଯୋଗ ଦେଇଥିଲେ।

# ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତକୁ ଆଣିବାକୁ ଗୁରୁତ୍ୱ

**ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ**

କୋରାପୁଟ/ଜୟପୁର/ବୋରିଗୁମ୍ମା/ବୈପାରୀଗୁଡା, ୩।୧୨ (ଅମିତାଭ ବେହେରା/ପବନ ପାଣିଗ୍ରାହୀ/ବିଜୟ ସାହୁ/କଳ୍ପତରୁ ମହାନ୍ତି)

କୋରାପୁଟ ଏକ୍ସ ବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା ବିଭାଗ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ଆନୁକୁଲ୍ୟରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ବିଭିନ୍ନ ବିଦ୍ୟାଳୟରୁ ଭିନ୍ନକ୍ଷମ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଶିବ ପ୍ରସାଦ ରଥ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ କୁମାର ପାତ୍ର ଏବଂ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ପଣ୍ଡା ପ୍ରମୁଖ ପୁରସ୍କାର ପ୍ରଦାନ କରିଥିଲେ। ବିଆର୍‌ପି ଇତିଶ୍ରୀ ସୁବୁଦ୍ଧି, ପ୍ରମୋଦ କୁମାର ଡାକୁଆ,ହର ମିଶ୍ର,ସୁବୋଧ ମାଝୀ, ତ୍ରିଲୋଚେଶ ପଣ୍ଡା,ମନୋଜ ଦାସ ଓ ଜ୍ୟୋତି ପାଢ଼ୀ ପ୍ରମୁଖ ସହଯୋଗ କରିଥିଲେ। ରାଷ୍ଟ୍ରଦୀପ ପ୍ରସାର ସମିତି ଓ



ଜୟପୁରରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

ରେସପଣ୍ଡ ଟ୍ରଷ୍ଟ ଆନୁକୁଲ୍ୟରେ କୋରାପୁଟ ପ୍ରେସ କ୍ଲବ ପରିସରରେ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଜୟପୁର ସିଟି ଉଚ୍ଚ ବିଦ୍ୟାଳୟରେ ଅନ୍ତ ନିବେଶୀ ଶିକ୍ଷା ବିଭାଗ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଜୟପୁର ବ୍ଲକ୍‌ରୁ ବିଭିନ୍ନ ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କୃତ ହୋଇଥିଲେ। ଶୁଭଶ୍ରୀ ପାତ୍ର, ବ୍ଲକ୍‌ର ସିଆରସିସି ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଶାନ୍ତ କୁମାର ମହାନ୍ତି ଓ ପେଡା ଗୋଜି କୋର୍ଡିନେଟର ଚନ୍ଦ୍ର କଳା ବରର୍ଡ୍ଡୀ ଓ ପ୍ରଧାନ ଶିକ୍ଷୟିତ୍ରୀ ବି. ସୁଜାତା ଏବଂ ସାଧନ ପ୍ରଶିକ୍ଷକ ସଂଯୁକ୍ତା ରାଉତ ଓ ଅତିରିକ୍ତ ଗୋଷ୍ଠୀ ଅଧିକାରୀ କୈଳାଶ ଚନ୍ଦ୍ର ଶତପଥୀ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସେହିପରି ବୋରିଗୁମ୍ମା ବ୍ଲକର ମା' ମାଣିକେଶ୍ୱରୀ ଦିବ୍ୟାଙ୍ଗ ସଂଘ ପକ୍ଷରୁ ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳନ ହୋଇଯାଇଛି। ବ୍ଲକର ୩୧ ପଞ୍ଚାୟତରୁ ଶତାଧିକ ଦିବ୍ୟାଙ୍ଗ ସ୍ଥାନୀୟ ଦୋରା କଲ୍ୟାଣ ମଣ୍ଡପରେ ଏକତ୍ରିତ ହୋଇ ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ବୋରିଗୁମ୍ମା ବ୍ଲକ୍‌ର ଅନେକ ଦିବ୍ୟାଙ୍ଗ କେବଳ ଭତ୍ତାରେ ସୀମିତ ଥିବା ବେଳେ ଆତ୍ମ ନିର୍ଭରଶୀଳ ହେବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି। ଆବାସ ଯୋଜନାରେ ସାମିଲ କରିବା, ଆର୍ଥିକ ସହାୟତା ଓ ମାସିକ ଭତ୍ତାକୁ ୩ ହଜାର ଟଙ୍କାକୁ ବୃଦ୍ଧି କରିବା ନେଇ ନିବେଦନ କରିଛନ୍ତି। ସଂଘ ପକ୍ଷରୁ ଦିବ୍ୟାଙ୍ଗଙ୍କ ପାଇଁ ବ୍ଲକ୍‌ରେ ଏକ ବୈଠକ ଗୃହ ନିର୍ମାଣ କରିବା ନେଇ ବ୍ଲକ୍ ପ୍ରଶାସନ ନିକଟରେ ଦାବି କରାଯାଇଛି। ବୈପାରୀଗୁଡା ବ୍ଲକ୍ ଶିକ୍ଷା ବିଭାଗ ପକ୍ଷରୁ ଆନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବ୍ଲକ୍ ସଦର ମହକୁମାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ରାଲି ଆୟୋଜିତ ହୋଇଥିଲା। ଏହା ପରେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ହୋଇଥିଲା। ଏଥିରେ ବ୍ଲକ୍ ଶିକ୍ଷାଧିକାରୀ ସୁକାନ୍ତ କାର୍ତ୍ତାମୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷା ପୂର୍ଣ୍ଣିମା ବାରିକ,ସମିତି ସଭ୍ୟା ମଞ୍ଜୁଲତା ପଟ୍ଟନାୟକ ଓ ଏବିଇଓ ପ୍ରଫୁଲ୍ଲ ପଟ୍ଟନାୟକ ଯୋଗ ଦେଇଥିଲେ। ଦିବ୍ୟାଙ୍ଗମାନଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରି ମୁଖ୍ୟସ୍ରୋତକୁ ଆଣିବାକୁ ଅତିଥିମାନେ ଗୁରୁତ୍ୱ ଦେଇଥିଲେ।

# ଜୟପୁର ବସ୍‌ଷ୍ଟାଣ୍ଡ ପୂର୍ଣ୍ଣ କାର୍ଯ୍ୟକ୍ଷମ ନେଇ ବୈଠକ


ବୈଠକରେ ଉପସ୍ଥିତ ଉପଜିଲାପାଳ ଆକାବରମ୍ ଶସ୍ୟା ରେଡ୍ଡୀ ଓ ଅନ୍ୟମାନେ।

- ଜାତୀୟ ରାଜପଥରେ ରହିବନି ବସ୍
- ୧୫ରୁ ୫ ସ୍ଥାନ ସ୍ୱତନ୍ତ୍ର ଭାବେ ବ୍ୟବହାର କରିବ ଘରୋଇ ବସ୍

ଜୟପୁର,୩।୧୨(ପବନ ପାଣିଗ୍ରାହୀ)

ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଘରୋଇ ଏବଂ ନବ ନିର୍ମିତ ସରକାରୀ ବସ୍‌ଷ୍ଟାଣ୍ଡକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ନେଇ ପୋଲିସ, ପ୍ରଶାସନ, ଆରଟିଓ, ବସ ମାଲିକ ସଂଘର ମିଳିତ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଆକାବରମ ଶସ୍ୟା ରେଡ୍ଡୀ ନେତୃତ୍ୱରେ ଜୟପୁର ଏସ୍‌ଡିପିଓ ଅଙ୍କିତ କୁମାର ବର୍ମା, କୋରାପୁଟ ଆରଟିଓ ରାଜେଶ ମାରାଣ୍ଡି, ତହସିଲଦାର ସବ୍ୟସାଚୀ ଜେନା ଓ ଉଭୟ ଘରୋଇ ବସ ମାଲିକ ସଂଘ, ୩ ବସ ଟିକେଟ୍ ବିକ୍ରୟ କେନ୍ଦ୍ରର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଟ୍ରାଫିକ ଏବଂ ପାରାବେଡା ଛକରେ ଉପୁଜୁଥିବା ଟ୍ରାଫିକ୍ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ କରାଯିବା ସହ ସେହି ଅଞ୍ଚଳରେ କୌଣସି ବସ୍ ଯାତ୍ରୀ ନ ଉଠାଇବା ଏବଂ ଓହ୍ଲାଇବା ନେଇ ନିଷ୍ପତ୍ତି ହୋଇଛି। ବିକ୍ରମ ଦେବ ବିଶ୍ୱବିଦ୍ୟାଳୟଠାରୁ ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ କୌଣସି ବସ୍ ରାସ୍ତାରେ ରଖିବାକୁ ବାରଣ କରାଯାଇଛି। ଏହାର ଅବମାନନା କଲେ ବୁଧବାରଠାରୁ ସମ୍ପୃକ୍ତ ବସ୍ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଇ ଆରଟିଓଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଘରୋଇ ବସ୍‌ଷ୍ଟାଣ୍ଡ, ଏବଂ ନୂତନ ସରକାରୀ ବସ୍‌ଷ୍ଟାଣ୍ଡ ବ୍ୟତୀତ ସହରର ଜାତୀୟ ରାଜପଥ କଡରେ ବସ୍ ନ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଟ୍ରାଫିକ୍ ଛକ ନିକଟରେ ଥିବା ୩ ବସ ଟିକେଟ୍ ବିକ୍ରୟ କେନ୍ଦ୍ରକୁ ୩ ଦିନ ମଧ୍ୟରେ ଘରୋଇ ବସ୍‌ଷ୍ଟାଣ୍ଡକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଘରୋଇ ବସ୍‌ଷ୍ଟାଣ୍ଡର ରହିଥିବା ସମସ୍ୟା ପୌରପାଳିକା ଦ୍ୱାରା ସମାଧାନ କରାଯିବ ବୋଲି ଉପଜିଲାପାଳ ରେଡ୍ଡୀ ପ୍ରତିଶ୍ରୁତି ଦେଇଥିଲେ। ବିଶେଷ କରି ପାନୀୟ ଜଳ ଏବଂ ଶୌଚାଳୟ ସମସ୍ୟା ସମାଧାନ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ବସ୍‌ଷ୍ଟାଣ୍ଡକୁ ଉଭୟ ସରକାରୀ ଓ ଘରୋଇ ବସ୍ ବ୍ୟବହାର କରାଯିବା ବ୍ୟବସ୍ଥା କରାଯାଇଛି। ସରକାରୀ ବସ୍‌ଷ୍ଟାଣ୍ଡ ଭିତରେ୧୫ରୁ ୫ ସ୍ଥାନ ସ୍ୱତନ୍ତ୍ର ଭାବେ ଘରୋଇ ବସ୍ ବ୍ୟବହାର କରିବେ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି। ଏ ସମସ୍ତ ନିଷ୍ପତ୍ତିକୁ ଉଭୟ ଘରୋଇ ବସ ମାଲିକ ସଂଘ, ବସ କର୍ମଚାରୀ ସଂଘ ଏବଂ ଓଏସ୍ଆରଟିସି ପକ୍ଷରୁ ମାନିଥିବା ଜଣାଯାଇଛି। ବୁଧବାରରୁ ମିଳିତ ଚଢାଉ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଡିପିଓ ବର୍ମା ସୂଚନା ଦେଇଛନ୍ତି।

# ଆଇସିଡିଏସ୍ ନୂତନ କାର୍ଯ୍ୟାଳୟ ତାଲା ଖୋଲିଲା


ବୈଠକରେ ଉପସ୍ଥିତ ସିଡିପିଓ ଏବଂ ଅଙ୍ଗନୱାଡି କର୍ମୀ।

ସୁନାବେଡା,୩।୧୨(କୃତ୍ତିବାସ ପ୍ରଧାନ)

ସୁନାବେଡା ନୂଆ ଆସିଡିଏସ୍ କାର୍ଯ୍ୟାଳୟର ତାଲା ଖୋଲାଯାଇଛି। ସୋମବାର ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ମଙ୍ଗଳବାର ସିଡିପିଓ ନଳିନୀ ବେହେରା କାର୍ଯ୍ୟାଳୟ ତାଲା ଖୋଲି ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଏକ ବୈଠକ କରିଥିଲେ। ସୂଚନା ଅନୁଯାୟୀ, କିଛିଦିନ ତଳେ କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ ନୂତନ କାର୍ଯ୍ୟାଳୟ ବୁଲି ଦେଖିବା ପରେ ଏହାକୁ ଶୀଘ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୨୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ୪ ବର୍ଷ ତଳେ ନିର୍ମିତ କୋଠାରେ ତାଲା ପଡିଥିଲା।

# ଆଇସିଡିଏସ୍ ସ୍ଥିତି ଅନୁଧ୍ୟାନ କଲେ ଉପଜିଲାପାଳ

**ଠିକ୍ ଭାବେ କାର୍ଯ୍ୟ କରିବାକୁ କର୍ମଚାରୀଙ୍କୁ ତାଗିଦ୍**

ଦଶମନ୍ତପୁର,୩।୧୨(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ଆଇସିଡିଏସ୍ ତଥା ଶିଶୁ ଯତ୍ନ କେନ୍ଦ୍ରରେ ଦୀର୍ଘ ୬ ମାସ ହେବ ଚାଲିଥିବା ସମସ୍ୟା ସମାଧାନ ନେଇ ଉପଜିଲାପାଳ ବେଣୁଧର ଶବର ଅନୁଧ୍ୟାନ କରିଛନ୍ତି। ଦୀର୍ଘ ୨୫ ବର୍ଷ ହେବ ଅନାଥ ପିଲାଙ୍କ ଦାୟିତ୍ୱ ସୂଚାରୁ ରୂପେ ଚାଲିଥିବା ବେଳେ ୬ ମାସ ହେବ ଶିଶୁ ଯତ୍ନକେନ୍ଦ୍ରରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କ ମଧ୍ୟରେ କୌଣସି କାରଣରୁ ଅସନ୍ତୋଷ ସହ ଯୁକ୍ତିତର୍କ ଲାଗି ରହିଛି। ଏହାଦ୍ୱାରା ଶିଶୁମାନଙ୍କ ଉପରେ କୁପ୍ରଭାବ ପଡୁଥିବା ନେଇ ଚର୍ଚ୍ଚା ହେଉଥିଲା। ଘଟଣାକୁ ନେଇ ସ୍ଥାନୀୟ ଶିଶୁ ଯତ୍ନ କେନ୍ଦ୍ର ସମ୍ପାଦକ ଡି.କେ ବେହେରା ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସଙ୍କୁ ଅବଗତ କରାଇଥିଲେ। ଉପଯୁକ୍ତ ତଦନ୍ତ ପାଇଁ ଜିଲାପାଳ ଏବଂ ଉପରିସ୍ଥ ଅଧିକାରୀଙ୍କୁ କେନ୍ଦ୍ରର ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଘଟଣାର ତଦନ୍ତ ପାଇଁ ଉପଜିଲାପାଳ ଶବର ଏବଂ ସ୍ଥାନୀୟ ଅତିରିକ୍ତ ତହସିଲଦାର ଜଗୁ ପୂଜାରୀ ଶିଶୁ ଯତ୍ନକେନ୍ଦ୍ରରେ ପହଞ୍ଚି ଶିଶୁ ଓ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। କର୍ମଚାରୀଙ୍କ ମଧ୍ୟରେ ଲାଗି ରହିଥିବା ଅସନ୍ତୋଷ ଉପରେ ତଦନ୍ତ କରି ରେକର୍ଡ ହୋଇଥିବା ସିସିଟିଭି ଫୁଟେଜକୁ ମଧ୍ୟ ଯାଞ୍ଚ କରିଥିଲେ। ଜଗୁଆଳି କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀଙ୍କୁ ଠିକ ଭାବେ କାର୍ଯ୍ୟ କରିବା ପାଇଁ ତାଗିଦ କରିବା ସହ କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କୁ ଅନୁଷ୍ଠାନରୁ ବହିଷ୍କୃତ କରିବା ପାଇଁ ଶିଶୁ ଯତ୍ନକେନ୍ଦ୍ରର ସମ୍ପାଦକ ବେହେରାଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।


ଉପଜିଲାପାଳ ଅନ୍ୟ ଅଧିକାରୀ ଓ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

# ଜିଲାସ୍ତରୀୟ ପରବ ସଙ୍ଗୀତ ପ୍ରତିଯୋଗିତା

ଜୟପୁର,୩।୧୨(ପବନ ପାଣିଗ୍ରାହୀ)

ଜୟପୁର ଟାଉନ ହଲ୍‌ରେ ଜିଲାସ୍ତରୀୟ ପରବ ୩ଦିନିଆ ସଙ୍ଗୀତ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଏବିଡିଓ ମନୋଜ ନାୟକ, ଅତିରିକ୍ତ ସହକାରୀ ପୌର ନିର୍ବାହୀ ଅଧିକାରୀ କୃତ୍ତିବାସ ସାହୁ, ଏସ୍‌ଡିପିଆର୍‌ଓ ଯଶୋଦା ଗାଦବା ଉପସ୍ଥିତ ଥିଲେ। ବିଦ୍ୟୁତ୍‌ପ୍ରଭା ପଟ୍ଟନାୟକ, ସୁଶାନ୍ତ ଅଧିକାରୀ,ଜଟାଧାରୀ ଦଳେଇ, ଭଜନ ସଙ୍ଗୀତର ଅବଦୁଲ କାଦେର, ହେମନ୍ତ କୁମାର ମିଶ୍ର ଯୋଗଦେଇଥିଲେ। କୋରାପୁଟ କଳା ଓ କଳାକାର ସଂଘ ସହଯୋଗ କରିଥିଲେ। ଶ୍ରୀକାନ୍ତ ଦାସ, ମହେଶ୍ୱର ନାୟକ, ଉମେଶ ପାଣିଗ୍ରାହୀ, ଶୁକମନ ଶଗଡ଼ିଆ ଓ ପୀୟୁଷ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

# ରାସ୍ତା ପଚାରିବା ବାହାନାରେ ମଙ୍ଗଳସୂତ୍ର ଲୁଟ୍

ବୈପାରୀଗୁଡା, ୩।୧୨(କଳ୍ପତରୁ ମହାନ୍ତି)

ବୈପାରୀଗୁଡା ଗୁଣ୍ଡିଚା ମନ୍ଦିରକୁ ଫୁଲ ତୋଳିବାକୁ ଯାଇଥିବା ଜଣେ ମହିଳାଙ୍କ ବେକରୁ ୩ ଦୁର୍ବୃତ୍ତ ମଙ୍ଗଳସୂତ୍ର ଲୁଟ୍ କରିଛନ୍ତି। ମଙ୍ଗଳବାର ସକାଳୁ ମହିଳା ଜଣକ ଫୁଲ ତୋଳୁଥିବା ବେଳେ ଏକ ବାଇକ୍‌ରେ ୩ ଯୁବକ ମହିଳାଙ୍କ ନିକଟକୁ ଆସି ଟାଙ୍ଗିଣିଗୁଡା ରାସ୍ତା କୁଆଡେ ପ୍ରଶ୍ନ କରିଥିଲେ। ମହିଳା ଜଣକ ତାଙ୍କ ଉଦ୍ଦେଶ୍ୟ ବୁଝିବା ପୂର୍ବରୁ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ମହିଳାଙ୍କ ଗଳା ଚିପି ବେକରେ ପିନ୍ଧିଥିବା ମଙ୍ଗଳସୂତ୍ରକୁ ଝାମ୍ପି ନେଇ ପଳାଇଥିଲେ। ଏ ନେଇ କେହି ଏତଲା ଦେଇ ନ ଥିବା ଥାନା ଅଧିକାରୀ ଦିପାଞ୍ଜଳୀ ପ୍ରଧାନ କହିଛନ୍ତି।

# ପଞ୍ଚାୟତକୁ ନଳକୂପ ମରାମତି ସାମଗ୍ରୀ ଦେବାକୁ ଦାବି

ତେନ୍ତୁଳିଖୁଣ୍ଟି, ୩।୧୨(ଚିଦାନନ୍ଦ ସାହୁ)

ପଞ୍ଚାୟତକୁ ନଳକୂପ ମରାମତି ସାମଗ୍ରୀ ଦେବାକୁ ସରପଞ୍ଚମାନେ ଦାବି କରିଛନ୍ତି। ଏ ନେଇ ମଙ୍ଗଳବାର ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅଧୀନ ୧୫ ପଞ୍ଚାୟତର ସରପଞ୍ଚମାମନେ ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେଇଛନ୍ତି। କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର କାଡ୍ରାକା ଦାବିପତ୍ର ଗ୍ରହଣ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ ଉପସ୍ଥିତ ରହି ତୁରନ୍ତ ସମାଧାନ ରାସ୍ତା ବାହାର କରିବାକୁ କହିଥିଲେ। ବର୍ଷେ ହେବ ପଞ୍ଚାୟତକୁ ନଳକୂପ ମରାମତି ସାମଗ୍ରୀ ଯଥା ବେରିଂ, ସିଲିଣ୍ଡର, ପାଇପ ଆଦି ଦିଆଯାଉନି। ଲୋକଙ୍କୁ ଅସୁବିଧା ହେଉଥିବାବେଳେ ସରପଞ୍ଚମାନେ ଜନ ଅସନ୍ତୋଷର ଶିକାର ହେଉଛନ୍ତି। ମରାମତି ସାମଗ୍ରୀ ପାଇଁ ପ୍ରଶାସନିକ ଅଧିକାରୀ, ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅବଗତ କରାଯାଇଥିଲେ ମଧ୍ୟ ସମାଧାନ ହୋଇ ନାହିଁ। ୧୫ ଦିନ ମଧ୍ୟରେ ସୁଫଳ ନ ମିଳିଲେ ଆନ୍ଦୋଳନ ହେବ ବୋଲି ସରପଞ୍ଚ ସଂଘ ସଭାପତି ମଦନ ମୋହନ ଦଳପତି, ସମ୍ପାଦକ କିଶୋର ନାୟକ କହିଛନ୍ତି।


ତେନ୍ତୁଳିଖୁଣ୍ଟି ବ୍ଲକ୍ କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର କାଡ୍ରାକା ଦାବିପତ୍ର ଗ୍ରହଣ କରୁଛନ୍ତି।

# ୫ ବର୍ଷ ପରେ ୪ ମହିଳାଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି


ଡିଇଓ ଏବଂ ଅନ୍ୟ ଅଧିକାରୀଙ୍କ ସହ ନିଯୁକ୍ତି ପାଇଥିବା ମହିଳାମାନେ।

ନବରଙ୍ଗପୁର,୩।୧୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଶିକ୍ଷା ବିଭାଗ ପକ୍ଷରୁ ୪ ଜଣଙ୍କୁ ଅନୁକମ୍ପାମୂଳକ ୪ର୍ଥ ଶ୍ରେଣୀ ନିଯୁକ୍ତି ଦିଆଯାଇଛି। ତ୍ରିସ୍ତରୀୟ କମିଟି ଯାଞ୍ଚ ଓ ୬୦ ମାର୍କ ଊର୍ଦ୍ଧ୍ୱ ଥିବା ଆବେଦନକାରୀଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ଚନ୍ଦନ ମହାପାତ୍ରଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ମହାପାତ୍ର ଯାଞ୍ଚ କମିଟି ଦ୍ୱାରା ଚୟନ ହୋଇଥିଲେ ମଧ୍ୟ ସେ କାଉନ୍‌ସେଲିଂକୁ ଆସି ନ ଥିବାରୁ ତାଙ୍କୁ ନିଯୁକ୍ତି ମିଳି ନ ଥିବା ସୂଚନା ମିଳିଛି। ଜିଲାପାଳଙ୍କ ଅନୁମୋଦନ ପରେ ଡିଇଓ ଛତ୍ରପତି ସାହୁ ସମସ୍ତଙ୍କୁ ନିଯୁକ୍ତି ଦେଇଛନ୍ତି। ଏନେଇ କର୍ମଚାରୀମାନେ ଜିଲାପାଳ ଓ ଡିଇଓଙ୍କୁ କୃତଜ୍ଞତା ଜଣାଇଛନ୍ତି। ନିଯୁକ୍ତି ପାଇଥିବା ମହିଳାମାନେ ମଙ୍ଗଳବାର କାର୍ଯ୍ୟରେ ଯୋଗଦେଇଥିଲେ।

ସୂଚନାନୁଯାୟୀ, ପାପଡ଼ାହାଣ୍ଡି ବ୍ଲକ୍ ମାନିଗାଁର ଶିକ୍ଷକ ତୁସିର ନାୟକଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଗୋଲାପୀ ଚାକିରି ପାଇଁ ଆବେଦନ କରିଥିଲେ। ତାଙ୍କୁ ନବରଙ୍ଗପୁର ଡିଇଓଙ୍କ କାର୍ଯ୍ୟାଳୟରେ ନିଯୁକ୍ତି ଦିଆଯାଇଛି। ସେହିଭଳି ଶିକ୍ଷକ ଭୁଜବଳ ମାଝୀଙ୍କ ବିୟୋଗ ପରେ ତାଙ୍କ ସ୍ତ୍ରୀ ମେନକା ନାୟକଙ୍କୁ ନବରଙ୍ଗପୁର ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି । ରାଇଘର ବ୍ଲକ୍ ସରଗୁଲି ଗାଁର ଶିକ୍ଷକ ପର୍ଶୁରାମ କଲାରଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଲତାଙ୍କୁ ରାଇଘର ବ୍ଲକ୍ ବବେଇ ୟୁଜି ହାଇସ୍କୁଲ ଓ ପାପଡ଼ାହାଣ୍ଡି ଭଣ୍ଡାରିଗୁଡା ଗାଁର ମୃତ ଶିକ୍ଷକ ରମେଶ ଡଙ୍ଗରିଙ୍କ ସ୍ତ୍ରୀ କମଳାଙ୍କୁ ଝରିଗାଁ ବ୍ଲକ୍ ଡଙ୍ଗରିଗୁଡ଼ା ୟୁଜି ହାଇସ୍କୁଲରେ ନିଯୁକ୍ତି ମିଳିଛି।

# ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା

ଡାବୁଗାଁ, ୩।୧୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏବିଇଓ ସନ୍ତୋଷ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଭଗବାନ ମାଝି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ୍ ଅଧୀନ ବିଭିନ୍ନ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ସଙ୍ଗୀତ, ଲେମ୍ବୁ ଚାମଚ ଓ ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉପବିଭାଗୀୟ ଅଧିକାରୀ ବ୍ରଜେନ୍ଦ୍ର କୁମାର ମିଶ୍ର, କନିଷ୍ଠ ସହାୟକ ଧନଞ୍ଜୟ ବିଷୋୟୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ଦଣ୍ଡସେନା, ଗୀତାଞ୍ଜଳୀ ବସ୍ତିଆ, ଧନଞ୍ଜୟ ବଡ଼ଜେନା, ଗୁପ୍ତେ ପ୍ରସାଦ ନାଗ, ହେମନ୍ତ ପଣ୍ଡା ଓ ହେମେନ୍ଦ୍ର ନାଥ ବେହେରା, ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା, ରାଇସିଂ ପୂଜାରୀ, ଜଗନ୍ନାଥ ରାଓ, ପ୍ରତାପ ଦାସ, ସତ୍ୟନାରାୟଣ ମାହାଲିକ, ରଞ୍ଜିତା ଦାଶଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।


ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର।

# ନୂତନ ଆବାସ ପାଇଁ ସଚେତନତା ତାଲିମ ଶିବିର

ପାପଡ଼ାହାଣ୍ଡି, ୩।୧୨ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ୍‌ର ୨୩ ପଞ୍ଚାୟତରେ ନୂତନ ଆବାସ ନିମନ୍ତେ ସଚେତନତା ତାଲିମ ଶିବିର ୨ ଦିନ ଧରି ଆୟୋଜିତ ହୋଇଛି। ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ୍ କର୍ମଚାରୀମାନେ ଆଶାୟୀ ପରିବାରଙ୍କୁ ସଚେତନତା କରାଇବା ସହ ଲିଫ୍‌ଲେଟ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମକୁ ସରପଞ୍ଚ, ସମିତି, ୱାର୍ଡ ସଭ୍ୟାସଭ୍ୟ, ଆଶା ଓ ଅଙ୍ଗନୱାଡି ଦିଦିମାନେ ପରିଚାଳନା କରିଥିଲେ। ଆଶାୟୀ ପରିବାର କିପରି ମୋବାଇଲ ଦ୍ୱାରା ପଞ୍ଜୀକରଣ କରିପାରିବେ ସେ ନେଇ ଆଲୋଚନା ହୋଇଥିଲା। ପଞ୍ଜୀକରଣ ସମୟରେ ଆଧାରକାର୍ଡ, ଜବ୍‌କାର୍ଡ, ଜମି ପଟ୍ଟା ନିଜ ପାଖରେ ରଖିବାକୁ ପରାମର୍ଶ ଦିଆଯାଇଛି। ଆବାସ ପ୍ଲସ୍ ଆପ୍ ଖୁବ୍ ଶୀଘ୍ର ପ୍ଲେ ଷ୍ଟୋରରେ ଉପଲବ୍ଧ ହେବ। ନିର୍ଦ୍ଦେଶ ଆସିଲା ପରେ ସର୍ଭେ କାମ କରାଯିବ ବୋଲି ବିପିସି ଶଶୀକାନ୍ତ ଦାସ ଜଣାଇଛନ୍ତି।

# ମଣ୍ଡେଇ ଉପଲକ୍ଷେ କ୍ରିକେଟ, ଦଉଡ଼ି ଟଣା ପ୍ରତିଯୋଗିତା

ନବରଙ୍ଗପୁର,୩।୧୨(ସଦାଶିବ ପ୍ରହରାଜ)

ମଣ୍ଡେଇ ମହୋତ୍ସବ ୨୦୨୪ ଉପଲକ୍ଷେ ସ୍ଥାନୀୟ ନବରଙ୍ଗପୁର ଷ୍ଟାଡିୟମରେ ମଣ୍ଡେଇ କପ୍ କ୍ରିକେଟ (ପୁରୁଷ) ଓ ଦଉଡ଼ି ଟଣା ( ମହିଳା) ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଶୁଭଙ୍କର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଏସ୍‌ପି ମିହିର କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ଏବଂ ନବୀନ ଚନ୍ଦ୍ର ନାୟକ, ଉପଜିଲାପାଳ ପ୍ରକାଶ ମିଶ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଏଆଇଟିଡିଏ ରାଜୀବ ସାହୁ, ଡିଏଫ୍‌ଓ ପ୍ରସନ୍ନ ବେହେରା, ଡିଆଇପିଆର୍‌ଓ ମନୋଜ ବେହେରା, ତେନ୍ତୁଳିଖୁଣ୍ଟି ବିଡିଓ ମନୋଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡେଇ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଜିଲା ପୋଲିସ ଟିମ୍ ଏବଂ ଜିଲା ବନବିଭାଗ ଟିମ୍, ରାଜନୈତିକ ଦଳ ଏବଂ ଜିଲା ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗ, ଜିଲା ଓକିଲ ସଂଘ ଏବଂ ଜିଲା ଖବରଦଦାତା ସଂଘ ଭଭାଗ ନେଇଥିଲେ। ପୋଲିସ ଟିମ୍, ସ୍ୱାସ୍ଥ୍ୟ ଓ ଶିକ୍ଷା ବିଭାଗ, ଓକିଲ ସଂଘ ଟିମ୍ ବିଜୟୀ ହୋଇଛି। ଦଉଡ଼ି ଟଣା ପ୍ରତିଯୋଗିତାରେ ଜିଲା ପୋଲିସ ଟିମ୍, ଜିଲା ବନ ବିଭାଗ ଟିମ୍, ଜିଲା ଓକିଲ ସଂଘ ଏବଂ ଜିଲା ସ୍ୱାସ୍ଥ୍ୟ ବିଭାଗ, ଓଏଲ୍‌ଏମ୍ ଏବଂ ଜିଲା ଶିକ୍ଷା ବିଭାଗ ଭାଗ ନେଇଥିଲେ। ପୋଲିସ, ଶିକ୍ଷା ବିଭାଗ ଓ ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍ ବିଜେତା ହୋଇଥିଲେ। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ, ଉପସଭାପତି ଜି. ବାଳକୃଷ୍ଣ ରାଓ, ସହକାରୀ ସମ୍ପାଦକ ମନୋଜ ପଟ୍ଟନାୟକ ଉପସ୍ଥିତ ଥିଲେ। ଅଶ୍ୱୀନ ମାଝୀ, ଡିପିଇଓ ପ୍ରଭାତ ପଟ୍ଟନାୟକ କ୍ରୀଡ଼ା ପରିଚାଳନା କରିଥିଲେ।


ଜିଲାପାଳ ଓ ଅନ୍ୟ ଅତିଥିମାନେ ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି।

# ଦିବ୍ୟାଙ୍ଗମାନେ ଅକ୍ଷମ ନୁହନ୍ତି, ବହୁ ଗୁଣରେ ସକ୍ଷମ

ନବରଙ୍ଗପୁର,୩।୧୨(ସଦାଶିବ ପ୍ରହରାଜ)

ନବରଙ୍ଗପୁରଠାରେ ଜିଲା ପ୍ରଶାସନ ତଥା ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଅନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ସୋମବାର ପାଳିତ ହୋଇଯାଇଛି। ମାଁ ଭଣ୍ଡାରଘରଣୀ ମନ୍ଦିରଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା। ଏହାକୁ ଡିଆଇପିଆର୍‌ଓ ମନୋଜ କୁମାର ବେହେରା ଓ ଡିଏସ୍‌ଏସ୍‌ଓ ସୁଧାଂଶୁ ପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା ସାଇ କଲ୍ୟାଣମଣ୍ଡପରେ ପହଞ୍ଚିବା ପରେ ସେଠାରେ ଏକ ସଭା କରାଯାଇଥିଲା।

ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଦିବ୍ୟାଙ୍ଗମାନେ ଏବେ ଅକ୍ଷମ ନୁହନ୍ତି ବରଂ ବହୁ ଗୁଣରେ ବିଭିନ୍ନ କ୍ଷେତ୍ରରେ ସକ୍ଷମ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷ କୁନୁ ନାୟକ, ଅତିରିକ୍ତ ପୋଲିସ ଅଧିକାରୀ ବଟକୃଷ୍ଣ ମିଶ୍ର, ନବରଙ୍ଗପୁର ମ୍ୟୁନିସିପାଲିଟି କାର୍ଯ୍ୟ ନିର୍ବାହୀ ସମରେଶ ମହାନ୍ତି, ଜିଲା ଭିନ୍ନକ୍ଷମ ସଂଘ ସମ୍ପାଦକ ସୁଜିତ୍ ରଥ, ଜିଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ବିଭୁଦତ୍ତ ସେଠୀ, ଜିଲାର ସମସ୍ତ ଅବସରପ୍ରାପ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତ, ନାଚ ଖେଳକୁଦ ପ୍ରତିଯୋଗିତା କରାଯାଇଥିଲା। ପୂର୍ବରୁ ବ୍ଲକସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ଅଧିକାରୀ, କର୍ମଚାରୀ, ନବରଙ୍ଗପୁର ଆଶା କିରଣ, ଉମରକୋଟ ମା ବସ୍ତ୍ରାଣି ସ୍ୱତନ୍ତ୍ର ବିଦ୍ୟାଳୟ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଆଶାକିରଣ ବିଦ୍ୟାଳୟର ପ୍ରିନ୍ସିପାଲ ଜଗନ୍ନାଥ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାକ୍ତନ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନଗେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।



ଜଣେ ମହିଳାଙ୍କୁ ପୁରସ୍କୃତ କରାଯାଉଛି।

